# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ  ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୪୪ (ଓଡ଼ିଆ ବୁଲେଟିନ)　　　　ସପ୍ତାହ – ୨୨　　　　ତାରିଖ: ୦୨.୦୬.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୭.୦୫.୨୦୨୬ ରୁ ୦୨.୦୬.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୨୭ | ୨୮ | ୨୯ | ୩୦ | ୩୧ | ୦୧ | ୦୨ | ୨୭ | ୨୮ | ୨୯ | ୩୦ | ୩୧ | ୦୧ | ୦୨ | ୨୭ | ୨୮ | ୨୯ | ୩୦ | ୩୧ | ୦୧ | ୦୨ |
| 42 | 43 | 42 | 39 | 38 | 39 | 38 | 27 | 28 | 25 | 26 | 25 | 24 | 27 | 0 | 0 | 5 | 0 | 35 | 0 | 0 |

## ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୩-୦୬-୨୦୨୬ | ୦୪-୦୬-୨୦୨୬ | ୦୫-୦୬-୨୦୨୬ | ୦୬-୦୬-୨୦୨୬ | ୦୭-୦୬-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 1 | 5 | 4 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 39 | 40 | 40 | 41 | 41 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 26 | 26 | 27 | 27 | 27 |
| ମେଘ ଆବରଣ(ଓକଟା) | 2 | 2 | 2 | 3 | 3 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 58 | 55 | 56 | 55 | 53 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 25 | 22 | 24 | 23 | 24 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 1 | 7 | 8 | 12 | 10 |
| ପବନର ଦିଗ (ଡିଗ୍ରୀ) | 124 | 189 | 236 | 244 | 260 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ  ଅନୁଯାୟୀ, ଆସନ୍ତା ସପ୍ତାହର ଶେଷ ଭାଗରେ ଅତି ହାଲୁକା ରୁ ହାଲୁକା ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ସଫା ରୁ ଆଂଶିକ ମେଘାଛନ୍ନ ରହିପାରେ । ଆଗାମୀ ସପ୍ତାହରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ କିନ୍ତୁ ସର୍ବାଧିକ ତାପମାତ୍ରାରେ ବୃଦ୍ଧି ଦେଖିବାକୁ ମିଳିପାରେ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତାର ସ୍ଥିତି ମଧ୍ୟମ ରହିବା ସହିତ ୧ ରୁ ୧୨ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ  ଉପଦେଶ

- ଚାଷୀଭାଇମାନଙ୍କୁ ଖରିଫ ଧାନ ଚାଷ ପାଇଁ କ୍ଷେତ ପ୍ରସ୍ତୁତି ଏବଂ  ଉପଲବ୍ଧ ମାଟିର ଆର୍ଦ୍ରତାରେ ବର୍ଷାକାଳୀନ ପନିପରିବା ଚାଷ ପାଇଁ ନର୍ସରୀ ବୁଣା କିମ୍ବା ଚାରା ଲଗାଇବା କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।
- ପ୍ରଚଳିତ ତାପମାତ୍ରା ଏବଂ ଆର୍ଦ୍ରତାର ସ୍ଥିତି ଅଧିକାଂଶ ଠିଆ ଫସଲରେ ବିଭିନ୍ନ କୀଟ ଏବଂ ରୋଗ ଆକ୍ରମଣ ପାଇଁ ଅନୁକୂଳ ଅଟେ,  ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି । ଯଦି ଆଗକୁ ଆକ୍ରମଣ ଦେଖାଯାଏ, ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀଭାଇମାନେ  ପ୍ରସ୍ତୁତ ରୁହନ୍ତୁ ।
- ସଠିକ ଓ ଠିକ୍ ସମୟରେ କୃଷି ସମ୍ବନ୍ଧିୟ ପାଣିପାଗ ସୂଚନା ପାଇଁ,  ଚାଷୀଭାଇମାନେ ମୌସମ (ସାଧାରଣ ପୂର୍ବାନୁମାନ),  ମେଘଦୂତ (କୃଷି/ପଶୁପାଳନ ପରାମର୍ଶ) ଏବଂ ଦାମିନୀ (ବଜ୍ରପାତ ସତର୍କତା) ଭଳି ଆପ୍ ବ୍ୟବହାର କରିବା ଉଚିତ ।

### ସଂକ୍ଷିପ୍ତ ଉପଦେଶ

- ପ୍ରଚଳିତ ପାଗ ଅନେକ ଫଳ ଏବଂ ପନିପରିବା ଫସଲରେ ଦହିଆ ପୋକର ଆକ୍ରମଣ ପାଇଁ ଅନୁକୂଳ ଅଟେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ

| | | |
|---|---|---|
| ଦିଆଯାଇଅଛି । | | |

| | | |
|---|---|---|
| **ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ** | | |
| **ଫସଲର ନାମ** | **ଫସଲ ଅବସ୍ଥା** | **କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ** |
| ଡାଲୁଅ ଧାନ | ପରିପକ୍ୱ ଅବସ୍ଥା / ଅମଳ / ଅମଳ ପରବର୍ତ୍ତୀ ଅବସ୍ଥା / ସଂରକ୍ଷଣ | • ଯଦି ଧାନ ଫସଲରେ ୮୦-୮୫ ପ୍ରତିଶତ ଦାନା ପରିପକ୍ୱ ହୋଇଯାଇଛି ତେବେ ଧାନ ଫସଲକୁ ଯଥାଶିଘ୍ର ଅମଳ କରିନିଅନ୍ତୁ କାରଣ ଆଗକୁ ଅଧିକ ପରିପକ୍ୱତା ଯୋଗୁଁ ଦାନା ଝଡିବାର କିମ୍ବା ପ୍ରକୃତିକ ଦୁର୍ବିପାକ ଯେପରିକି ଆଗକୁ ହେବାକୁ ଥିବା ବର୍ଷା ଝଡ ଯୋଗୁଁ ଫସଲ ନଷ୍ଟ ହେବାର ସମ୍ଭାବନା ଦେଖାଦେଇପାରେ ।<br>• ବିହନ ପାଇଁ ଧାନ ଶସ୍ୟର ଆର୍ଦ୍ରତା ପରିମାଣକୁ ୧-୨ ଦିନ ପାଇଁ ସୂର୍ଯ୍ୟ ତଳେ ବା ଖରାରେ ଶୁଖାଇ ସଂରକ୍ଷଣ କରିବା ପୂର୍ବରୁ ୧୨ ପ୍ରତିଶତକୁ ହ୍ରାସ କରାଯିବା ଉଚିତ ।<br>• ଧାନ ଅମଳର ପରବର୍ତ୍ତୀ କାର୍ଯ୍ୟକଳାପ ଯେପରିକି ଶୁଖାଇବା, ଝାଡ଼ିବା, ସଂରକ୍ଷଣ କରିବା ଇତ୍ୟାଦି କାର୍ଯ୍ୟ ଶୁଷ୍କ ପାଗକୁ ଦେଖି ଯଥାଶୀଘ୍ର ସମାପ୍ତ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଅମଳ ହୋଇଥିବା ଧାନ/ଚାଉଳର ସୁରକ୍ଷିତ ସଂରକ୍ଷଣ ପାଇଁ, 'ସୁପର ଗ୍ରେନ୍ ବ୍ୟାଗ୍' ବ୍ୟବହାର କରନ୍ତୁ ଯାହା ଏହାର ଗୁଣବତ୍ତା, ଗଠନ, ରଙ୍ଗ, ସୁଗନ୍ଧ ଏବଂ ସ୍ୱାଦକୁ ଅଧିକ ସମୟ ପାଇଁ ବଜାୟ ରଖିବାରେ ସହାୟକ ହୋଇଥାଏ । |
| ବର୍ଷା ଦିନିଆ (ଖରିଫ) ଧାନ | ଜମି ପ୍ରସ୍ତୁତି/ ବିହନ ଚୟନ | • ଚାଷୀଭାଇମାନେ ପାଣିର ଉପଲବ୍ଧତା ଅନୁସାରେ ଧାନ ନର୍ସରୀ ପାଇଁ ଜମି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦେବା ଉଚିତ ।<br>• ଚାଷୀଭାଇମାନେ ଗବେଷଣା ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ବ୍ଲକ ଅଫିସ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ଫାର୍ମ ଭଳି ଯେକୌଣସି ନିର୍ଭରଯୋଗ୍ୟ ଉତ୍ସରୁ ଭଲ ଗୁଣବତ୍ତାବିଶିଷ୍ଟ ବିହନର ବ୍ୟବସ୍ଥା କରନ୍ତୁ ।<br>• ଏହି ବର୍ଷ ମୌସୁମୀରେ ସ୍ୱାଭାବିକ ଅପେକ୍ଷା କମ ବର୍ଷା ହେବାର ସମ୍ଭାବନା ଅଛି, ତେଣୁ ଏହି ଅନୁସାରେ ଚାଷୀ ଭାଇ ମାନେ ସଅଳ-ମଧ୍ୟମ କିସମ ଧାନ, ଜମିରେ ଜଳ ସଂରକ୍ଷଣ ତଥା ଆବଶ୍ୟକ ଜଳସେଚନ, ପଟାସ, ବୋରାନ ସାର ଅଧିକ ପ୍ରୟୋଗ କୁ ଗୁରୁତ୍ୱ ଦେବା ଆବଶ୍ୟକ । |
| ଆମ୍ବ | ପରିପକ୍ୱ ଅବସ୍ଥା | • ଆମ୍ବ ପୁରା ପରିପକ୍ୱ ହେବା ପୂର୍ବରୁ ସବୁଜ ଥିବା ଅବସ୍ଥାରେ ଅମଳ କରାଯିବା ଉଚିତ (ଏହି ପର୍ଯ୍ୟାୟ ନିଶ୍ଚିତ କରେ ଯେ ଅମଳ ପରବର୍ତ୍ତୀ ପରିଚାଳନା ଏବଂ ପରିବହନ ସମୟରେ ଫଳ ଠିକ୍ ଭାବରେ ପାଚିବ), ଫଳ ସହିତ ସଂଲଗ୍ନ ୧୦ ରୁ ୨୦ ସେ.ମି. କାଣ୍ଡ ରଖନ୍ତୁ (ଏହା ସଂରକ୍ଷଣ ସମୟରେ ଫଳର ଗୁଣବତ୍ତା ଏବଂ ଦୃଶ୍ୟ ବଜାୟ ରଖିବାରେ ସାହାଯ୍ୟ କରେ) ଏବଂ ଆଗକୁ କ୍ଷତି ଏଡାଇବା ପାଇଁ ଫଳକୁ ସତର୍କତାର ସହିତ ତୋଳିବା ଉଚିତ । ଆଗାମୀ ଦିନରେ ଅଧିକ ଗତିରେ ପବନ ବହିବାର ସମ୍ଭାବନା ଥିବାରୁ ଫଳ ଝଡ଼ିପାରେ, ତେଣୁ ଫଳଗୁଡ଼ିକୁ ଶୀଘ୍ର ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବାର ବ୍ୟବସ୍ଥା କରନ୍ତୁ ।<br>• ବର୍ତ୍ତମାନର ପାଗ ଯୋଗୁଁ ଆମ୍ବରେ ଫଳ ମାଛିର ଆକ୍ରମଣ ଦେଖାଯାଇପାରେ, ତେଣୁ ଏହାର ନିୟମିତ ତଦାରଖ କରନ୍ତୁ। |
| | ନୂଆଁ ଗଛ ପାଇଁ ଗାତ ପ୍ରସ୍ତୁତି / ଚାରା ଚୟନ | • ବର୍ଷା ଋତୁ ଆରମ୍ଭ ହେବା ପୂର୍ବରୁ ନୂଆଁ ଆମ୍ବ ଗଛ ଲଗାଇବା ପାଇଁ ଗାତ ଖୋଳାଯିବା ଉଚିତ, କିନ୍ତୁ ଯେଉଁ ଚାଷୀମାନେ ଏପର୍ଯ୍ୟନ୍ତ ଗାତ ଖୋଳା ଆରମ୍ଭ କରିନାହାଁନ୍ତି ସେମାନଙ୍କୁ ଏହି କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରିବାକୁ ପରାମର୍ଶ ଦିଆଯାଇଅଛି । ଗାତଗୁଡ଼ିକ ୧ ମିଟର ଗଭୀର, ୧ ମିଟର ପ୍ରସ୍ଥ ଏବଂ ୧ ମିଟର ଲମ୍ବର ଖୋଳାଯିବା ଉଚିତ ।<br>• ଚୟନ କରାଯାଇଥିବା ଚାରାଗୁଡ଼ିକ ସୁସ୍ଥ ଏବଂ ଲଗାଇବା ପାଇଁ ଯଥେଷ୍ଟ ବଡ଼ ହେବା ସହିତ ସେଥିରେ କୀଟ ଏବଂ ରୋଗର ଲକ୍ଷଣ ଦେଖାଯାଉ ନ ଥିବା ଉଚିତ କାରଣ ସେଗୁଡ଼ିକର ବଞ୍ଚିବାର ସମ୍ଭାବନା ଅଧିକ ଥାଏ ।<br>• ଯଦି ଗଛ ଲଗାଇବା ପାଇଁ ପ୍ରସ୍ତୁତ ହୋଇ ଯାଇଛି, ତେବେ ଗାତ ଚାରିପାଖର ଉପର ମାଟିର ଏକ ଚତୁର୍ଥାଂଶ କିମ୍ବା ଗାତ ପ୍ରସ୍ତୁତ କରିବା ସମୟରେ ଅପସାରିତ ମାଟି ସହିତ ଗଛ ଲଗାଇବା ଗାତଗୁଡ଼ିକୁ ପୁନଃ ପୂରଣ କରନ୍ତୁ। ଆବଶ୍ୟକ ସ୍ଥଳେ, ଏହି ମାଟିରେ ଆବଶ୍ୟକ ପରିମାଣର ଖତ କିମ୍ବା ସାରକୁ ଭଲ ଭାବରେ ମିଶ୍ରଣ କରି ଗାତକୁ ଭରି କିଛି ଦିନ ପାଇଁ ସେମିତି ଛାଡ଼ି ଦିଅନ୍ତୁ । |
| ବିଲାତି ବାଇଗଣ (ଟୋମାଟୋ) | ନର୍ସରୀ ବୁଣା ଓ ଚାରା ଅବସ୍ଥା | • ଚାଷୀମାନଙ୍କୁ କେବଳ ସକାଳ କିମ୍ବା ସନ୍ଧ୍ୟା ସମୟରେ ବିହନ ବୁଣିବାକୁ ପରାମର୍ଶ ଦିଆଯାଇଛି । ଉପଯୁକ୍ତ ଜଳ ନିଷ୍କାସନ ସୁବିଧା ଥିବା ଉଚ୍ଚ ବେଡ୍ (୧୦-୧୫ ସେମି ଉଚ୍ଚ, ୧ ମିଟର ଚଉଡା) ରେ ବିହନ ବୁଣନ୍ତୁ । ଯଦି ସମ୍ଭବ ହୁଏ, ଉତ୍ତମ ପରିଚାଳନା ପାଇଁ ପ୍ରୋଟ୍ରେ-ଆଧାରିତ ନର୍ସରୀ ବ୍ୟବହାର କରନ୍ତୁ ।<br>• ଆଗକୁ ରୋଗ ରୋକିବା ପାଇଁ ବିହନ ବୁଣିବା ପୂର୍ବରୁ ଟ୍ରାଇକୋଡର୍ମା ଭିରିଡ଼େ (୪ ଗ୍ରାମ/କେଜି) ସହିତ ବିହନ ବିଶୋଧନ କରନ୍ତୁ ।<br>• ପୂର୍ବ ଦିନର ବର୍ଷା ଯୋଗୁଁ ଯଦି ମାଟିରେ ଉପଯୁକ୍ତ ଆର୍ଦ୍ରତା ହୋଇଯାଇଛି ତେବେ ସେଥିରେ ବିହନ ବୁଣା କାର୍ଯ୍ୟ ଆରମ୍ଭ କରିଦିଅନ୍ତୁ । |

| | |
|---|---|
| ପଶୁ ପାଳନ | • ମୌସୁମୀ ବର୍ଷା ଆରମ୍ଭ ହେବା ସହିତ, ଅନେକ ପ୍ରକାରର ସଂକ୍ରାମକ ପଶୁ ରୋଗର ସଂକ୍ରମଣ ଏବଂ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ, ତେଣୁ ସେହି ରୋଗଗୁଡିକ ବିରୁଦ୍ଧରେ ମୌସୁମୀ ଆସିବା ପୁର୍ବରୁ ଯଥାଶୀଘ୍ର ଟୀକାକରଣ କରିନେବାକୁ ପରାମର୍ଶ ଦିଆଯାଇଅଛି ।<br>• ଅତ୍ୟଧିକ ଗରମ ସମୟରେ, କେବଳ ସକାଳ ସମୟରେ ଟିକା ଦିଅନ୍ତୁ ଯେତେବେଳେ ତାପମାତ୍ରା କମ ଓ ପାଗ ଥଣ୍ଡା ଥାଏ । ସିଧାସଳଖ ସୂର୍ଯ୍ୟ କିରଣରେ କିମ୍ବା ଅପରାହ୍ନର ସର୍ବାଧିକ ଗରମ ସମୟରେ ଟିକା ଦେବାରୁ ଦୂରେଇ ରୁହନ୍ତୁ । ଟୀକାକରଣର ଗୋଟେ କିମ୍ବା ଦୁଇ ସପ୍ତାହ ପୂର୍ବରୁ ପଶୁମାନଙ୍କୁ କୃମିମୁକ୍ତ କରନ୍ତୁ ଯାହା ଦ୍ୱାରା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ ଯାହା ଫଳରେ ଟିକାକରଣ ଫଳପ୍ରଦ ହେବ । ଏହା ନିଶ୍ଚିତ କରନ୍ତୁ ଯେ ସେମାନଙ୍କୁ ସ୍ୱଚ୍ଛ ପାନୀୟ ଜଳର ଅଭାବ ନ ହେଉ । |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ଷ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପ**ର ବ୍ୟବହାର କରିପାରିବେ।